# ରାଜପଥରେ ଛାଇ ହୋଇଛି ଘରୋଇ ପ୍ରଚାରପତ୍ର

■ ଲକ୍ଷ୍ୟଭ୍ରଷ୍ଟ ହେଉଛନ୍ତି ଚାଳକ
■ ତୁରନ୍ତ ପଦକ୍ଷେପ ନେବାକୁ ଦାବି

ରସୁଲପୁର, ୨୧(ରଞ୍ଜିତ ରାଉତ): ଜାତୀୟ ରାଜପଥରେ ଛାଇହୋଇଛି ଘରୋଇ ପ୍ରଚାରପତ୍ର। ନିଜର ପ୍ରଚାର ପାଇଁ ବ୍ୟବହାର ହେଉଛି ରାଜପଥ। ରସୁଲପୁର ବ୍ଲକ ଅଞ୍ଚଳ ଦେଇ ଯାଇଥିବା ୨ ଜାତୀୟ ରାଜପଥ ପ୍ରଚାର ହୋର୍ଡିଂର ପ୍ରମୁଖ ସ୍ଥାନ ପାଲଟିଛି। ନେତା ଓ ବ୍ୟବସାୟିକ ପ୍ରତିଷ୍ଠାନର ବଡ଼ ହୋର୍ଡିଂ, କଟଆଉଟ୍‌ରେ ରାଜପଥ ପାର୍ଶ୍ୱସ୍ଥ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଛାଇହୋଇଯାଇଛି। ଏଭଳି ସ୍ଥିତି ଗାଡି ଚାଳାଚଳରେ ବାଧକ ସାଜୁଛି। ରାସ୍ତାପାର୍ଶ୍ୱରେ ଲାଗିଥିବା ବଡ଼ ବ୍ୟାନର ଓ ହୋର୍ଡିଂଗୁଡ଼ିକ ଚାଳକମାନଙ୍କୁ ଲକ୍ଷ୍ୟଭ୍ରଷ୍ଟ କରୁଛି। ରାତିରେ ତୈଳଯୁକ୍ତ ବ୍ୟାନର ଉପରେ ଗାଡିର ଆଲୋକର ପ୍ରତିଫଳନ ଯୋଗୁ ଗାଡ଼ିଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଉଛି। ତେଣୁ ରାଜପଥ ଉପରେ ବେଆଇନଭାବେ ଲାଗିଥିବା ହୋର୍ଡିଂଗୁଡ଼ିକୁ ତୁରନ୍ତ ହଟାଇବା ସହ ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

ସୂଚନା ମୁତାବକ, ରସୁଲପୁର ବ୍ଲକର ବାରବାଟୀଠାରୁ ଖଣ୍ଡିତର ମଧ୍ୟରେ ୧୬ନଂ. ଜାତୀୟ ରାଜପଥ ଓ କୁଆଖିଆଠାରୁ ହରିପୁର ଅଞ୍ଚଳ ଦେଇ ଅତିକ୍ରମ କରିଥିବା ୨୦ନଂ. ଜାତୀୟ ରାଜପଥ ଏବଂ ଆପ୍ରୋଚ୍ ରାସ୍ତାର ଉଭୟ ପାର୍ଶ୍ୱ ବଜାର ଅଞ୍ଚଳର ଆଲୋକୀକରଣ ପାଇଁ ଖୁଣ୍ଟ ପୋତାଯାଇଛି। ନବବର୍ଷ ଉପଲକ୍ଷେ ବିଭିନ୍ନ ରାଜନେତା, ସଂଗଠକ, ବ୍ୟବସାୟୀ ଆଦି ସେମାନଙ୍କ ଶୁଭେଚ୍ଛା ବାର୍ତ୍ତା ଜଣାଇବା ପାଇଁ ଖୁଣ୍ଟରେ ବ୍ୟାନର, ହୋର୍ଡିଂ ଆଦି ଲଗାଇଛନ୍ତି। ଏନେଇ ରାଜପଥ କର୍ତ୍ତୃପକ୍ଷଙ୍କ ଅନୁମତି ନିଆଯାଇନାହିଁ। ଜାତୀୟ ସମ୍ପତ୍ତି ଉପରେ ବ୍ୟକ୍ତିଗତ ଓ ଘରୋଇ ପ୍ରଚାରପତ୍ର ଲାଗିବା ଏକ ବେଆଇନ କାର୍ଯ୍ୟ। ହେଲେ ଏଭଳି କାର୍ଯ୍ୟ ସମସ୍ତଙ୍କ ପ୍ରୋତ୍ସାହନରେ ଚାଲିଛି। ରାଜପଥ କର୍ତ୍ତୃପକ୍ଷ ନିଜମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି। ବେଆଇନ ହୋର୍ଡିଂ ହଟାଇବାରେ ସ୍ଥାନୀୟ ପୋଲିସର ସହାୟତା ମିଳୁନାହିଁ ବୋଲି କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୋଲିସକୁ ବ୍ୟାନର ହଟାଇବା ନେଇ କୌଣସି ସୂଚନା ମିଳି ନ ଥିବା କୁହାଯାଉଛି। ଏଭଳି ସ୍ଥିତିରେ ବେଆଇନ କାର୍ଯ୍ୟକୁ କିଏ ବିରୋଧ କରିବ ଆଉ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତା'କୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ଉପୁଜିଛି। ଏ ସମ୍ପର୍କରେ ରାଜପଥ ପ୍ରକଳ୍ପ ଅଧିକାରୀ ଜେ.ପି ବର୍ମାଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜପଥ ଉପରେ ପ୍ରଚାରପତ୍ର ଲାଗିବା ଏକ ବେଆଇନ କାର୍ଯ୍ୟ। ଏ ଦିଗରେ ସ୍ଥାନୀୟ ପୋଲିସ ଓ ପ୍ରଶାସନ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ତାଙ୍କ କାର୍ଯ୍ୟାଳୟ ଜିଲାପାଳ ଓ ସ୍ଥାନୀୟ ପୋଲିସକୁ ଅବଗତ କରାଇ ଆସୁଛନ୍ତି। ମାତ୍ର କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏପରି କି ସ୍ଥାନୀୟ ପୋଲିସର ସହଯୋଗ ମିଳୁ ନ ଥିବା ଅଭିଯୋଗ ହେଉଛି। ଏନେଇ କୁଆଖିଆ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୂଚନା ମିଳିନାହିଁ। ରାଜପଥର ସମ୍ପତ୍ତିକୁ କିଏ ଜବରଦଖଲ କଲେ ତାକୁ ହଟାଇବା ଦାୟିତ୍ୱ ତାଙ୍କ ଅଧିକାରୀମାନଙ୍କର। ଯଦି ସେମାନେ ସହାୟତା ଚାହିଁଲେ ପୋଲିସ ପକ୍ଷରୁ ତାହା ଯୋଗାଇ ଦିଆଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ଏହି ବ୍ୟାନର ହଟାଯାଉଛି।


ଜାତୀୟ ରାଜପଥର ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ପ୍ରଚାରପତ୍ର।

## ଚାଷୀଙ୍କ ଉପରେ ଚଢ଼ିଗଲା ଧାନକଟା ମେଶିନ

ବାଲିଚନ୍ଦ୍ରପୁର, ୨୧(ଗିରିଜା ପ୍ରସାଦ ସାହୁ): ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବରଦା ପଞ୍ଚାୟତ ଧମନଦୀ ଗ୍ରାମର ଚାଷୀ ନିତ୍ୟାନନ୍ଦ ଦାସ(୫୮)ଙ୍କ ଉପରେ ଧାନକଟା ମେଶନି ଚଢ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ନିତ୍ୟାନନ୍ଦ ନିଜ ବିଲରୁ ମେଶିନ ସାହାଯ୍ୟରେ ଧାନ ଅମଳ କରୁଥିବା ସମୟରେ ବିଲ ହିଡ଼କଡ଼ରେ ରହିଯାଉଥିବା ଧାନ ଗଛଗୁଡ଼ିକୁ କାଟୁଥିଲେ। ଏହିସମୟରେ ଉକ୍ତ ମେଶିନଟି ପଛୁଆ ଫେରିବାରୁ ନିତ୍ୟାନନ୍ଦଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିତ୍ୟାନନ୍ଦଙ୍କ ସ୍ତ୍ରୀ, ଝିଅ ଓ ତିନି ପୁଅ ଅଛନ୍ତି। ତାଙ୍କ ବିୟୋଗରେ ସ୍ଥାନୀୟ ସରପଞ୍ଚ କବିତା ସେଠୀ, ସମିତିସଭ୍ୟା ଶାନ୍ତିଲତା ମଲିକ, ବାଲିପଡ଼ିଆ ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ପ୍ରାକ୍ତନ ସରପଞ୍ଚ ଦେବେନ୍ଦ୍ର ସାମଲ, ଅନିରୁଦ୍ଧ ସାମଲ, ପ୍ରାକ୍ତନ ସମିତି ସଭ୍ୟ ସୁମନ୍ତ ଜେନା, ଖବରଦାତା ପ୍ରବାସ ଦାଶ, ସଞ୍ଜୟ ପାତ୍ର ଓ ଉତ୍କଳ କେଶରୀ ସାମଲ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଦୁର୍ଘଟଣାରେ ଛାତ୍ର ମୃତ

କଳିଙ୍ଗନଗର, ୨୧(ଶୁଭାଶିଷ ରାଉତ): ଯଖପୁରା ଥାନା ମାନତିରା ଗାଁ ରାସ୍ତାରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକ ହେଲେ ମାନତିରା ଗ୍ରାମର ଶୁକଦେବ ସାହୁଙ୍କ ପୁଅ ସୋନୁ ସାହୁ। ଗୁରୁତର ହେଲେ ସହି ଗ୍ରାମର ମୀନକେତନ ବେହେରାଙ୍କ ପୁଅ ମହେଶ ବେହେରା। ଉଭୟ ବଜାର ଯାଉଥିବାବେଳେ ବାଇକ୍ ଆରୋହୀ ଧକ୍କା ଦେଇଥିଲେ। ସେମାନଙ୍କୁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସୋନୁଙ୍କୁ ମୃତ ଘୋଷଣା କରିଥିଲେ।

## ବ୍ୟାନର ଚିରାକୁ ନେଇ ଉତ୍ତେଜନା: ଥାନାରେ ଏତଲା

ପ୍ରୀତିପୁର, ୨୧(ସୁଶାନ୍ତ ବେହୁରିଆ): ବିଞ୍ଝାରପୁର ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକଙ୍କ ସମର୍ଥକମାନେ ବିଭିନ୍ନ ପଞ୍ଚାୟତର ପ୍ରମୁଖ ସ୍ଥାନରେ ଲଗାଇଥିବା ବ୍ୟାନରକୁ କେହି ଚିରି ଦେଇଛନ୍ତି। ଏହାଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଛି।

ସୂଚନା ମୁତାବକ, ନବବର୍ଷ ଅବସରରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଦଶରଥପୁର ବ୍ଲକ ଅଧୀନ ରାହାଶୋଇ ପଞ୍ଚାୟତରେ ବାଚସ୍ପତିଙ୍କ ଅଭିନନ୍ଦନ ତୋରଣ ଡିସେମ୍ବର ୨୮ରେ ଲଗାଯାଇଥିଲା। ମାତ୍ର ୩୧ ତାରିଖ ନବବର୍ଷ ପୂର୍ବ ରାତ୍ରିରେ କେହି ଦୁର୍ବୃତ୍ତ ଏହି ପଞ୍ଚାୟତ ଅଧୀନ ରାହାଶୋଇ, ଚମ୍ପା ଓ ବୃନ୍ଦାବନପୁର ଗ୍ରାମରେ ଲାଗିଥିବା ବ୍ୟାନରଗୁଡ଼ିକୁ ଚିରି, ଫାଡ଼ି ନଷ୍ଟ କରିଦେଇଥିବା ଦେଖାଯାଇଥିଲା। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ମଙ୍ଗଳବାର ରାହାଶୋଇ ପଞ୍ଚାୟତ ବିଜେଡି ସଭାପତି ସନ୍ତୋଷ ପଣ୍ଡା ଏନେଇ ଦଶରଥପୁର ଥାନାରେ ଏତଲା ଦେଇଛନ୍ତି।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ



ସଡ଼କ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ଚଣ୍ଡିଖୋଲ, ୨୧(ପ୍ରଦୀପ୍ତ କୁମାର ପୃଷ୍ଟି): ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ ସମ୍ପିତ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ରାଜପଥ ପ୍ରାଧିକରଣର ଢେଙ୍କାନାଳ ଓ ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ଜୟପ୍ରକାଶ ବର୍ମା ଯୋଗଦେଇ ଟ୍ରାଫିକ ନିୟମ ପାଳନ କରି ଗାଡ଼ି ଚଳାଇଲେ ନିଜ ଜୀବନ ସହିତ ଅନ୍ୟର ଜୀବନ ସୁରକ୍ଷିତ ରହିବ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗଦେଇ ଗାଡି ଚାଳନା ସମୟରେ ନିୟମ ମାନିଲେ ଦୁର୍ଘଟଣା ଘଟିବ ନାହିଁ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଣ୍ଡିଖୋଲ ଟ୍ରକ୍ ମାଲିକ ସଂଘ ସଭାପତି ପୁଷ୍ପରାଜ ନାୟକ, ସମ୍ପାଦକ କୀର୍ତ୍ତିରାଜ ସ୍ୱାଇଁ, ମହାବିନାୟକ ଲଘୁ ଖଣିଜ ପରିବହନ ସଂଘ ସଭାପତି ଅଜାମ୍ବର ସାହୁ, ରାଜ୍ୟ ଟ୍ରକ୍ ମାଲିକ ସଂଘ ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରେ ଟ୍ରକ୍‌ଚାଳକମାନେ ସଡ଼କ ସୁରକ୍ଷା ନିମନ୍ତେ ଚଣ୍ଡିଖୋଲରୁ ଛତିଆ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ରାଲି କରିଥିଲେ। ଛତିଆସ୍ଥିତ ସରକାରୀ ଡ୍ରାଇଭିଂ ଟ୍ରେନିଂ କେନ୍ଦ୍ରରେ ରାଲିକୁ ସ୍ୱାଗତ କରାଯାଇଥିଲା। ଏଥିରେ ଚଣ୍ଡିଖୋଲ ଏମ୍‌ଭିଆଇ ବସନ୍ତ ସେନାପତି, ଟିଆଇ ପ୍ରଦୀପ କୁମାର ପଟ୍ଟନାୟକ, ସହକାରୀ ଏମ୍‌ଭିଆଇ କାଜଲ ପ୍ରଧାନ ଓ ସହକାରୀ ଆରଟିଓ ପଦ୍ମଜା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଧର୍ମଶାଳା, ୨୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଦଧିବାମନ ଜୀଉ ସଂସ୍କୃତ ଜୁନିୟର କଲେଜରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଧର୍ମଶାଳା ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ଅତିଥିଭାବେ ଜିଲା ପରିଷଦ ସଦସ୍ୟ ଚକ୍ରଧର ବେହେରା, ସରପଞ୍ଚ ନିମାଇ ମଲ୍ଲିକ, ସମିତିସଭ୍ୟା କ୍ଷିରାବ୍ଧୀ ତନୟା ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ନିର୍ମଳ ସାମଲ, ପଞ୍ଚାୟତ ସଭାପତି ସୁଧାଂଶୁ ମୋହନ ସାହୁ ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମାଞ୍ଚଳରେ ପ୍ରତିଭା ସୃଷ୍ଟି ହେବେ ବୋଲି କହିଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ସୁଜାତା ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। କଲେଜ ପ୍ରତିଷ୍ଠାତା ସଦସ୍ୟ ଭୀମସେନ ତରେଇ, ଅକ୍ଷୟ ମିଶ୍ର, ପୀତାମ୍ବର ନାୟକ, ବିକାଶ ବେହେରା ଓ ଦାମୋଦର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଗିରିଧାରୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଗୌରୀ ଶଙ୍କର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସୁରେଶ ଚନ୍ଦ୍ର ଲେଙ୍କା, ଅଧ୍ୟାପିକା ପ୍ରମିଳା ଦାଶ, କର୍ମଚାରୀ ପ୍ରଶାନ୍ତ ପଣ୍ଡା ଓ ହେମନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟାପିକା ମନ୍ଦାକିନୀ ରାଉତ ଧନ୍ୟବାଦ ଦେଇଥିଲେ।



ଦଧିବାମନ ଜୀଉ ସଂସ୍କୃତ ଜୁନିୟର କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଲୋକ


@ ଅଶୋକ


@ ବଣ୍ଟି


@ କୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚୋରି ଅଭିଯୋଗରେ ୩ ଯୁବକଙ୍କୁ ପୋଲିସ ଜିମା

କାଏମା, ୨୧(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ଥାନା ଅଭୟପୁର ପଞ୍ଚାୟତ ଅଚ୍ୟୁତପୁର (ପାହାଡତଳି)ଗ୍ରାମର ରଞ୍ଜନ ରାଉତଙ୍କ ଟ୍ରାକ୍ଟର ଡାଲା ଚୋରି କରିଥିବା ଅଭିଯୋଗରେ ୩ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ରଞ୍ଜନଙ୍କ ଘର ବାହାରେ ଥିବା ଟ୍ରାକ୍ଟର ଡାଲାକୁ ରବିବାର ରାତିରେ କେହି ଚୋରି କରିନେଇଥିଲେ। ସେ ସକାଳୁ ଖୋଜା ଖୋଜି କରିବା ପରେ ନରସିଂହପୁର ବଜାରରେ ଥିବା ଏକ କବାଡିଆ ଦୋକାନରେ ଡାଲା ଥିବା ଜାଣିବାକୁ ପାଇଥିଲେ। ସେଠାରେ ପହଞ୍ଚି ଜାଣିବାକୁ ପାଇଥିଲେ ୩ ଯୁବକ ଆଣି ଡାଲା ବିକ୍ରି କରିଛନ୍ତି। କବାଡିଆ ଡାଲା ବିକ୍ରି କରିଥିବା ଯୁବକଙ୍କ ନାମ କହିଥିଲେ। ଦୁଇ ଯୁବକ ଉକ୍ତ ଗ୍ରାମର ହୋଇଥିବାବେଳେ ଅନ୍ୟ ଜଣେ କାଏମା ନାଉପାଳ(ଗୋପନଗର)ର ବୋଲି ଜାଣିବାକୁ ପାଇ ରଞ୍ଜନ ସେମାନଙ୍କୁ ଯାଇ ପଚାରିଥିଲେ। ଯୁବକମାନେ ଚୋରି ବିଷୟରେ କିଛି ଜାଣିନାହାନ୍ତି ବୋଲି କହିଥିଲେ ଓ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ଏହା ଶୁଣି ସେମାନଙ୍କୁ ନିର୍ଘୁମ ଛେଚିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ଭିଡ଼ ମଧ୍ୟ ଜମିଥିଲା। ପୋଲିସ ପହଞ୍ଚି ସମ୍ପୃକ୍ତ ୩ ଯୁବକଙ୍କୁ ଥାନାକୁ ନେଇଥିଲେ। ଯୁବକମାନେ ଡ୍ରଗ୍ସସେବନ କରୁଥିବା ଅନେକ ସମୟରେ ଦେଖିବାକୁ ମିଳିଥାଏ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ଅନ୍ୟପକ୍ଷରେ ମାରପିଟ ଘଟଣାକୁ ଜଣେ ସ୍ଥାନୀୟ ଯୁବକ ମୋବାଇଲରେ ସୁଟ୍‌କରୁଥିବା ଦେଖି କିଛିଲୋକ ସମ୍ପୃକ୍ତ ଯୁବକଙ୍କୁ ଆକ୍ରମଣ କରିଥିବା ସୂଚନା ମିଳିଛି।

## ଚାଳଘର ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଉତ୍ସବ

ବରୀ, ୨୧(ମହେନ୍ଦ୍ର ସ୍ୱାଇଁ) ଯାଜପୁର ଜିଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଚାଳଘର ସାହିତ୍ୟ ସଂସଦର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ ବରୀ ବ୍ଲକ୍ ଅଧୀନ ଅଜାଣ ହାଟ ପଡ଼ିଆଠାରେ ସଂସଦ ସଭାପତି ବିରଜା ପ୍ରସାଦ ପରିଡ଼ାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉଦ୍‌ଘାଟକଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଭାଷା, ସାହିତ୍ୟକୁ ବରୀର ଅବଦାନ ଅତୁଳନୀୟ ବୋଲି କହିଥିଲେ। ମୁଖ୍ୟଅତିଥିଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇ ପଠନ ଜାରି ରଖିବା ଉଚିତ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ଡ. ଭାଗବତ ଶୁକ୍ଳ, ବିଶେଷବକ୍ତା ଡ. କୁମରବର ଦାଶ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ ଓ ପୂର୍ବତନ ସରପଞ୍ଚ କେଦାର ସାମଲ ପ୍ରମୁଖ ଯୋଗଦେଇ 'ପୁସ୍ତକ ମନସ୍କ ନହେବା ସୁସ୍ଥ ସମାଜ ଗଠନରେ ପ୍ରତିବନ୍ଧକ' ଶୀର୍ଷକରେ ଆଲୋଚନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ଚାଳଘର ସମ୍ମାନ କବି ପ୍ରଭାକର ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ମଞ୍ଚ ନିର୍ଦ୍ଦେଶକ ସଚି ଦାସଙ୍କୁ ମାଟିର ମହକ ସମ୍ମାନ, ପ୍ରଭାସ ଚନ୍ଦ୍ର ଦାସଙ୍କୁ କର୍ମବୀର, ରାଜୀବ ମହାନ୍ତିଙ୍କୁ ନ୍ୟାୟିକ ପ୍ରତିଭା, ସାରଦାଦେବୀ ଜେନାଙ୍କୁ ଆଦର୍ଶ ମା', ଅମିୟ ପରିଡ଼ାଙ୍କୁ କ୍ରୀଡ଼ା ସଂଗଠକ, ପ୍ରଭାତ ମହାନ୍ତିଙ୍କୁ ଦୁର୍ଯ୍ୟୋଧନ ଜେନା ସ୍ମୃତି ସମ୍ମାନ, ଜ୍ୟୋତ୍ସ୍ନାରାଣୀ ନାଥଶର୍ମାଙ୍କୁ ସୁସେବିକା, ଜଗନ୍ନାଥ ବାରିକଙ୍କୁ କର୍ମଯୋଗୀ, ବିବେକାନନ୍ଦ ଦ୍ୱିବେଦୀଙ୍କୁ ବେତାର ଗୀତି କବି ଅଭିରାମ ସାହୁ ସମ୍ମାନ ଓ ସ୍ୱୟଂପ୍ରଜ୍ଞ ଦାସଙ୍କୁ ଆଦର୍ଶ ଶିକ୍ଷକ ମେଘନାଦ ମଲ୍ଲିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ପ୍ରତାପ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ କବି ଦିଲୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷାବିତ ନିର୍ମଳ ଜେନା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ଅମ୍ରିତା ସିଂ, ଅଜୟ ଜେନା, ମହାପାତ୍ର ବନ୍ଦନା ସାମଲ ଓ ବନିତା ବେହେରାଙ୍କ ସଂଯୋଜନାରେ ବହୁ କବି କବିତା ପାଠ କରିଥିଲେ। ଶ୍ରେଷ୍ଠ ୧୦ କବିତାର ସ୍ରଷ୍ଟାଙ୍କୁ ଶ୍ରେଷ୍ଠ କବି ସମ୍ମାନରେ ସମ୍ମାନିତ କରାଯାଇଥିଲା।



ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ

■ କଳିଙ୍ଗନଗର ଗୁଳିକାଣ୍ଡକୁ ୧୮ ବର୍ଷ
■ ସତ୍କାର ନ ହୋଇ ପଡ଼ି ରହିଛି ମୃତକଙ୍କ କଟା ପାପୁଲି

କଳିଙ୍ଗନଗର, ୨୧(ଶୁଭାଶିଷ ରାଉତ): ୨୦୦୬ ଜାନୁଆରୀ ୨ରେ ଟାଟା କାରଖାନା ପାଇଁ ଜମି ଅଧିଗ୍ରହଣବେଳେ ପୋଲିସ ଓ ସ୍ଥାନୀୟ ଆଦିବାସୀଙ୍କ ମଧ୍ୟରେ ସଂଘର୍ଷ ଓ ଅନ୍ଧାଧୁନ ଫାୟାରିଂରେ ଆଖି ବୁଜିଥିଲେ ଜଣେ ପୋଲିସ ହାବିଲଦାର ଓ ୧୩ ଆଦିବାସୀ। ସେଦିନର ସେହି ବର୍ବର ଇତିହାସର ସ୍ମରଣରେ ସେବେଠାରୁ କଳିଙ୍ଗନଗର ମାଟିରେ ପାଳିତ ହେଉଛି କଳିଙ୍ଗନଗର ବୀର ଶହୀଦ ସ୍ମୃତି ଦିବସ। ଏହିକ୍ରମରେ ବିସ୍ଥାପନ ବିରୋଧୀ ଜନମଞ୍ଚ ଓ କଳିଙ୍ଗନଗର ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ୧୮ତମ ସ୍ମୃତିତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନମଞ୍ଚ ସମ୍ପାଦକ ରବୀନ୍ଦ୍ର ଜାରିକାଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରିପବ୍ଲିକାନ ପାର୍ଟି ଅଫ ଇଣ୍ଡିଆର ରାଜ୍ୟ ସଭାପତି ଅବଦୁଲ ୱାଲି ଯୋଗଦେଇ ଗଣତନ୍ତ୍ରର ମୁଖ୍ୟ ଚାବି କେବଳ ରାଜନୈତିକ ମୁଖିଆଙ୍କ ହାତରେ ରହିଛି। ସାଧାରଣ ଲୋକଙ୍କ ଅଧିକାର ରକ୍ଷା ଓ କମ୍ପାନୀ ରାଜ ହଟାଇବା ପାଇଁ ରାଜନୀତି ଦରକାର। ତେଣୁ ବିସ୍ଥାପନ ବିରୋଧୀ ଜନମଞ୍ଚର ସମ୍ପାଦକ ଜାରିକାଙ୍କୁ ବିଧାୟକ ଭାବେ ଜିତାଇ ଆଣିବାକୁ ଉପସ୍ଥିତ ଲୋକଙ୍କୁ ସେ ଆହ୍ୱାନ ଦେଇଥିଲେ। ବିସ୍ଥାପିତ ପରିବାର ଉନ୍ନୟନ ପରିଷଦ ସଭାପତି ତ୍ରିଲୋଚନ ମହାନ୍ତ, ସମ୍ପାଦକ ବିରେନ ଜାମୁଡ଼ା, ବିସ୍ଥାପନ ବିରୋଧୀ ଜନମଞ୍ଚ ସଭାପତି ଅମର ସିଂ ବାନରା, ଗୋବରଘାଟି ସରପଞ୍ଚ ରତ୍ନାକର ତିୟୁ, ସମିତିସଭ୍ୟା ରୀନା ହାଇବ୍ରୁ, ସିନି ସାଏ, ଝରଣା ମହାନ୍ତ, ଜିଲା ପରିଷଦ ସଭ୍ୟ ସାଧୁ ଚରଣ ତିୟୁ, ଆଦିବାସୀ ନେତା ଚକ୍ରଧର ଆଲଡା, ନଟି ଆଙ୍ଗରାଇ ଓ ଲକ୍ଷ୍ମଣ ଜାମୁଡା ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବତନ ସରପଞ୍ଚ ସ୍ୱର୍ଣ୍ଣଲତା ବାନାରା କହିଥିଲେ, ୧୮ ବର୍ଷ ହେଲା ଏହି କ୍ଲବ ଘରେ ମୃତକଙ୍କ କଟା ପାପୁଲି ସତ୍କାର ନହୋଇ ପଡି ରହିଛି। ୧୮ବର୍ଷ ଧରି ଆମେ ନ୍ୟାୟ ଅପେକ୍ଷାରେ ଅଛୁ। ଦେଖିବା କେବେ ସରକାରଙ୍କ କେବେ ନିଦ ଭାଙ୍ଗିବ। ଏଲଢ଼େଇ ଆଗକୁ ଜାରି ରହିବ ବୋଲି ବକ୍ତାମାନେ ବୈଠକରେ ମତପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଆଦିବାସୀଙ୍କ ଜମିକୁ ବେପାର କରାଯାଉଛି। ଗୋଟିଏ ଶିଳ୍ପ ପାଇଁ ଜମି ନେଇ ଅନ୍ୟ ଛୋଟ ସଂସ୍ଥାଙ୍କୁ ଟେକି ଦିଆଯାଉଛି, ଯାହାକୁ ଆଗାମୀ ଦିନରେ ତୀବ୍ର ବିରୋଧ କରାଯିବ। ଯେଉଁ ପ୍ରଲୋଭନ ଦେଖାଇ ଆଦିବାସୀମାନଙ୍କୁ ବିସ୍ଥାପିତ କରାଯାଇଛି ତାହା ପୂରଣ କରା ନ ଗଲେ ଆନ୍ଦୋଳନ ହେବ ବୋଲି ଜନମଞ୍ଚ ସମ୍ପାଦକ ଜାରିକା ପ୍ରେସ ବିବୃତିରେ କହିଛନ୍ତି। ସ୍ମୃତିଦିବସ ଅବସରରେ ପୂର୍ବାହ୍ନରେ ଏକ ମାରାଥନ ଦୌଡ଼ ସହିତ ପାରମ୍ପରିକ ଶୋଭାଯାତ୍ରା ଓ ଆଦିବାସୀ ନୃତ୍ୟ ଅନୁଷ୍ଠିତ ହୋଇଥିଲା। ମାରାଥନ ଓ ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷତା ପାଇଁ କେତେଜଣ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଳିଙ୍ଗନଗରରେ କାର୍ଯ୍ୟରତ ୫ ଯୁବ ଖବରଦାତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।



କଳିଙ୍ଗନଗର ଗୁଳିକାଣ୍ଡର ଶହୀଦ ସ୍ମୃତିସ୍ତମ୍ଭ।

**ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ**

ରାଜନଗର, (ଭାସ୍କର ରାଉତରାୟ) :ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଅନ୍ତର୍ଜାତୀୟ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ୧୦ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ଓମ ବାବା-୨ ନାମକ ଟ୍ରଲରକୁ ବନ ବିଭାଗ ପାଟ୍ରୋଲିଂ ଟିମ ଜବତ କରିଥିଲା। ଜବତ ଟ୍ରଲରରୁ ୩ ଭିଏଚଏଫ, ୧ ଜିପିଏସ୍, ଗୋଟିଏ ଫିସ୍ ଫାଇଣ୍ଡର, ୧୦ଟି ଟ୍ରଲିଂ ନେଟ ଓ ୪୫ କୁଇଣ୍ଟାଲ ମାଛ ଜବତ କରାଯାଇଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି।



# ବାଇପାସ୍ ରାସ୍ତା କାମରେ ପୋତି ହେଉଛି କେନାଲ

**ପଟ୍ଟାମୁଣ୍ଡାଇ କେନାଲ**

- ଜଳସେଚନରେ ବାଧା ସୃଷ୍ଟି ହେବା ଆଶଙ୍କା
- ପାଣି ବିନା ହଇରାଣ ହେବେ ଚାଷୀକୁଳ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ, ୨୧ (ଜଗନ୍ନାଥ ଧଳ/କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ କେନାଲକୁ ଠିକାଦାର ଜେସିବି ଲଗାଇ ଖୋଳି ବନ୍ଧ ବାନ୍ଧିଛ ନ୍ତି।

କଟକ ଜଗତପୁରଠାରୁ ବାହାରିଥିବା ପଟ୍ଟାମୁଣ୍ଡାଇ କେନାଲ ପ୍ରତି ବିପଦ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରୁ କଖାରୁଣି ପୋଲ ପର୍ଯ୍ୟନ୍ତ ନୂତନ ବାଇପାସ୍ ରାସ୍ତା ନିର୍ମାଣ କାମ ଚାଲିଛି। କିନ୍ତୁ ଠିକାଦାର ବେଆଇନ ଭାବେ କେନାଲ ଭିତରୁ ଓ ପାର୍ଶ୍ୱରୁ ଜେସିବିରେ ମାଟି ଉଠାଇ ରାସ୍ତା କାର୍ଯ୍ୟରେ ବ୍ୟବହାର କରୁଛନ୍ତି। ଫଳରେ କେନାଲ କେଉଁଠି ଖାଲୁଆ ହେଉଥିବା ବେଳେ କେଉଁ ସ୍ଥାନରେ ପୋତି ହେଉଛି, ଯାହାଦ୍ୱାରା ଜଳଧାରଣ କ୍ଷମତା ହ୍ରାସପାଇ ଉପରମୁଣ୍ଡ ଗୋବରୀ ସମ୍ପ୍ରସାରିତ କେନାଲ ସହ ୧୭ଟି ଛୋଟ ଶାଖା କେନାଲ ଓ ୫ଟି ମାଇନର କେନାଲକୁ ଜଳସେଚନରେ ବାଧା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଛି। ଫଳରେ ଏହି କେନାଲ ଉପରେ ନିର୍ଭର ଉତିକଣ ଭେଡ଼ା ସମେତ ପଟ୍ଟାମୁଣ୍ଡାଇର ଚାଷୀକୁଳ ପାଣି ବିନା ହଇରାଣ ହେବେ ବୋଲି ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହନିର୍ବାହୀ ଯନ୍ତ୍ରୀ ପ୍ରଭାତ କୁମାର ସାହୁ ପ୍ରକାଶ କରିଛନ୍ତି। ତେବେ ଏ ନେଇ ବିଭାଗୀୟ ଠିକାଦାର ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ କେନାଲରେ ଜଳ ପରିଚାଳନା ଠିକ୍ ହେବାରେ ବାଧା ଉପୁଜୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବା କେନାଲର ବାଇପାସ୍‌ଠାରୁ କଖାରୁଣୀ ପର୍ଯ୍ୟନ୍ତ ଦକ୍ଷିଣପାର୍ଶ୍ୱ ରାସ୍ତାକାମ ଚାଲୁଛି। ଏହି କାମର ଠିକାଦାର ବେଆଇନ ଭାବେ କେନାଲ ଭିତରୁ ଓ ପାର୍ଶ୍ୱରୁ ଜେସିବିରେ ମାଟି ଉଠାଇ ରାସ୍ତା ଉଚ୍ଚା ଓ ଚଉଡ଼ା କରି ଚାଲିଛନ୍ତି। ରାସ୍ତା କାମରେ ବାହାରୁ ମାଟି ବାଲି ଆଣି ନିର୍ମାଣ କାର୍ଯ୍ୟ କରିବାକୁ ବୈଷୟିକ ନିର୍ଦ୍ଦେଶନାମା ଥିବାବେଳେ ଠିକାଦାର କେନାଲ ଖୋଳି ଯେନତେନ ପ୍ରକାରେ କାମ କରୁଥିବା ଅଭିଯୋଗ ହୋଇଛି। କୃଷକ ନେତା ବିଜୟ ଦାସ କହିଛନ୍ତି, ବାଇପାସ୍ ରାସ୍ତା ତିଆରି କାମ ଯୋଗୁ ପଟ୍ଟାମୁଣ୍ଡାଇ କେନାଲର କେତେକ ସ୍ଥାନ ପୋତି ହେବା ସହ କେତେଜାଗାରେ ଖାଲୁଆ ହେବାରେ ଲାଗିଛି। ଶତାଧିକ ଏକର ଚାଷ ଜମିକୁ ପାଣି ଯିବାରେ ବ୍ୟାଘାତ ସୃଷ୍ଟି ହେଉଛି। କୃଷକଙ୍କର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା କହୁଛନ୍ତି। କିନ୍ତୁ ଯେଉଁ କେନାଲ ପାଣି ଦ୍ୱାରା ଚାଷୀ ଚାଷ କାର୍ଯ୍ୟ କରୁଛନ୍ତି ସେହି କେନାଲ ଖୋଳା ପୋତା ହୋଇ ଭିତରକନିକାକୁ ଗମନାଗମନ ପାଇଁ ନୂତନ ବାଇପାସ୍ ରାସ୍ତା ନିର୍ମାଣ ଚାଲିଛି। କେନାଲର ଅଧିକାଂଶ ସ୍ଥାନ ଖୋଳା ହେବା, ପୋତା ହୋଇ ବନ୍ଧ ହେବା ଓ ପଙ୍କ ମାଟି ବ୍ୟବହାର କରାଯିବାରୁ କେନାଲଟି ସମ୍ପୂର୍ଣ୍ଣ ନଷ୍ଟଭ୍ରଷ୍ଟ ହୋଇଚାଲିଛି। ଫଳରେ ଧୀରେ ଧୀରେ କେନାଲ ସଙ୍କୁଚିତ ହେବା ସହ ପୋତି ହୋଇଯିବାରେ ଲାଗିଛି। ଏଥିପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଉତିକଣ ଅଞ୍ଚଳର ଶତାଧିକ ଚାଷୀଙ୍କ ପରିବାରଙ୍କ ପେଟକୁ ପୂର୍ତ୍ତ ବିଭାଗ ନାତ ମାରୁଛି ବୋଲି କୁଞ୍ଜ ବିହାରୀ ନାୟକ, ସୁରେନ୍ଦ୍ର ପରିଡ଼ା, ଦାଶରଥି ସାହୁ, ଅଜୟ ନାୟକ, ସୁଶାନ୍ତ ସାମଲ, ନରେଶ ଜେନା ପ୍ରମୁଖ ଅଞ୍ଚଳର ଶତାଧିକ ଚାଷୀ ଅଭିଯୋଗ ଆଣିଛନ୍ତି। ସାମାଜିକ କର୍ମୀ ପ୍ରତାପ ପାଢୀ କହିଛନ୍ତି, ବ୍ରିଟିଶ ଅମଳର ଏହି କେନାଲ ନୌବାଣିଜ୍ୟର ସ୍ୱତନ୍ତ୍ର ପରିଚୟରେ ଆମଦାନୀଠାରୁ ରପ୍ତାନି ପର୍ଯ୍ୟନ୍ତ ସବୁ କିଛିର ମୁଖ୍ୟ ମାଧ୍ୟମ ଥିଲା। ଏହି କେନାଲ ଓ ଶାଖା ଅଞ୍ଚଳରେ ଥିବା ଜମି ଶସ୍ୟଶ୍ୟାମଳା ହୋଇଉଠୁଥିଲା। ଚାଷଜମିକୁ ଜଳଯୋଗାଣ ବ୍ୟବସ୍ଥା ସୁସଙ୍ଗଠିତ ଓ ସୁନିୟନ୍ତ୍ରିତ ହୋଇପାରିବା ନେଇ ୨୦୧୬ରେ ଦୁଇପାର୍ଶ୍ୱକୁ ପୋତାଯାଇ ଏହାର ଓସାରକୁ କମାଇ ଦିଆଯାଇଥିଲା। ହେଲେ ଏବେ ନୂତନ ବାଇପାସ୍ ରାସ୍ତା ନିର୍ମାଣ କରୁଥିବା ଠିକାଦାର ବେଆଇନ ଭାବେ କେନାଲରୁ କେଉଁଠି ମାଟି ଉଠାଇ ତ ଆଉ କେଉଁଠି ମାଟିକୁ ଗଦା କରି କାମ କରୁଛନ୍ତି। ଏବେ ଏହି କେନାଲର ଅଧିକାଂଶ ଜାଗାରେ କେଉଁଠି ଗାତ ହୋଇଛି ତ କେଉଁଠି ଉଚ୍ଚା ରାସ୍ତା ଭଳି ହୋଇରହିଛି। ଫଳରେ କେନାଲରେ ପାଣି ଆସିଲେ ଏବଂ ବର୍ଷା ହେଲେ ମାଟି ବୋହି କେନାଲ ଶଯ୍ୟା ପୋତି ହୋଇ ଜଳଯୋଗାଣ ବ୍ୟବସ୍ଥାରେ ବାଧା ସୃଷ୍ଟି ହେବ। ଫଳରେ ଚାଷ ଜମି ପଡ଼ିଆ ପଡ଼ିବା ଆଶଙ୍କା ପ୍ରକାଶ ପାଉଛି। ଏ ସମ୍ପର୍କରେ ଜଳସମ୍ପଦ ସହନିର୍ବାହୀ ଯନ୍ତ୍ରୀ ସାହୁଙ୍କୁ ପଚାରିବାରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଚିଠି କରାଯାଇଛି ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆଲୋକ



@ ଅଶୋକ



@ ବଣ୍ଟି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

ପଟ୍ଟାମୁଣ୍ଡାଇ, ୨୧ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ଗାଁର ଅଜିତ କୁମାର ଦାଶଙ୍କ ୨ ବଖରା ଘର ସୋମବାର ବିଳମ୍ବିତ ରାତିରେ ପୋଡ଼ି ପାଉଁଶ ହୋଇଯାଇଛି। ଫଳରେ ଘର ମଧ୍ୟରେ ଥିବା ସମସ୍ତ ଜିନିଷପତ୍ର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ, ଆନୁମାନିକ ୧୦ ଲକ୍ଷ ଟଙ୍କାର ସମ୍ପତ୍ତି ଜଳି ପାଉଁଶ ହୋଇଯାଇଛି। ପିନ୍ଧା ଲୁଗା ବ୍ୟତୀତ ଅନ୍ୟ କିଛି ପରିବାର ଲୋକେ ଆଣି ପାରି ନାହାନ୍ତି। ରାତିରେ ଅଜିତଙ୍କ ପରିବାର ଲୋକେ ଖାଇ ପିଇ ଶୋଇଥିଲେ। ଏହି ସମୟରେ ଘର ଜଳିବାରୁ ଗରମ ଲାଗିଥିଲା। ପରିବାର ଲୋକେ ଉଠି ଜୀବନ ବିକଳରେ ଘରୁ ବାହାରକୁ ଚାଲି ଆସି ସହାୟତା ପାଇଁ ଗାଁ ଲୋକଙ୍କୁ ଡାକ ପକାଇ ଥିଲେ। ନିଆଁର ପ୍ରକୋପ ଏତେ ଥିଲା ଯେ, ପୋଖରୀରୁ ପାଣି ଆଣି ନିଆଁକୁ ଆୟତ୍ତ କରିବା ସମ୍ଭବ ନ ଥିଲା। ପଟ୍ଟାମୁଣ୍ଡାଇ ଦମକଳ କେନ୍ଦ୍ରକୁ ଫୋନ କରିଥିଲେ ମଧ୍ୟ କେହି ଫୋନ ଉଠାଇ ନ ଥିଲେ। ଲୋକେ ବାଇକ୍ ଯୋଗେ ଖବର ଦେବା ପରେ ଦମକଳ ଗାଡ଼ି ପହଞ୍ଚିଲା ବେଳକୁ ୨ ବଖରା ଭସ୍ମୀଭୂତ ହୋଇ ସାରିଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀ ଅଞ୍ଜନ ଦାଶ କହିଛନ୍ତି। ନିଆଁ କେମିତି ଲାଗିଲା ଜଣାପଡି ନ ଥିଲେ ମଧ୍ୟ ଅଗ୍ନିକାଣ୍ଡରେ ଘରେ ଥିବା ସମସ୍ତ ଆସବାବପତ୍ର, ଧାନ ବସ୍ତା, ଚାଉଳ, ପଲଙ୍କ, ଖଟ, କଂସା ବାସନ, ଗହଣା ଗାଣ୍ଠି, ଅଜିତ କରିଥିବା ଟେଣ୍ଟ ହାଉସ କପଡ଼ା ଓ ଅନ୍ୟାନ୍ୟ ସାମଗ୍ରୀ, ଟିଭି, କାଗଜପତ୍ର ପୋଡ଼ି ହୋଇ ପାଉଁଶ ହୋଇଯାଇଛି। ସଦର ଭାରପ୍ରାପ୍ତ ଆର୍‌ଆଇ ସାରାମଣୀ ସୋରେନ ପ୍ରାଥମିକ ତଦନ୍ତ କରି ଫେରି ଯାଇଥିଲେ ବି ସରକାରୀ ନିୟମାନୁସାରେ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କଲେଜ ଅଧ୍ୟକ୍ଷଙ୍କ ମନମୁଖି କାର୍ଯ୍ୟକୁ କଂଗ୍ରେସର ବିରୋଧ



ଉପଜିଲାପାଳଙ୍କୁ ଛାତ୍ର କଂଗ୍ରେସର କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

ପଟ୍ଟାମୁଣ୍ଡାଇ, ୨୧ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଅନୁଷ୍ଠିତ ନୂଆ-ଓ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ମୁଖ୍ୟମନ୍ତ୍ରୀଙ୍କ ଫଟୋ ପାଖରେ ବିଧାୟକଙ୍କ ଫଟୋଚିତ୍ର ଲଗାଇଥିଲେ। ଏହାର ପ୍ରତିବାଦରେ ପଟ୍ଟାମୁଣ୍ଡାଇ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ କେନ୍ଦ୍ରାପଡ଼ା ଉପଜିଲାପାଳ ତଥା ପଟ୍ଟାମୁଣ୍ଡାଇ କଲେଜ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ପରିଡାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସହ ଅଧ୍ୟକ୍ଷଙ୍କ ମନୋମୁଖି କାର୍ଯ୍ୟକ୍ରମକୁ ବିରୋଧ କରି ନିଲମ୍ବନ ଦାବି କରିଛନ୍ତି।

ଡିସେମ୍ବର ୨୯ରେ ରାଜ୍ୟ ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲୀପ ଭୂୟାଁଙ୍କ ପୌରୋହିତ୍ୟରେ

**ଉପଜିଲାପାଳଙ୍କୁ ଦାବିପତ୍ର**

ପଟ୍ଟାମୁଣ୍ଡାଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ କଲେଜ ପକ୍ଷରୁ ମିଳିତ ଭାବେ ଉଦ୍‌ଯାପନୀ ଉତ୍ସବରେ ହୋଇଥିଲା। ମାତ୍ର ସାରା ରାଜ୍ୟରେ ନୂଆ-ଓ କାର୍ଯ୍ୟକ୍ରମ ବ୍ୟାନରରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିବାର ନିୟମ ଥିବା ବେଳେ ଏହି ଉତ୍ସବରେ କଲେଜ ଅଧ୍ୟକ୍ଷ ପ୍ରଫେସର ଭୂୟାଁ ବିଧାୟକ ପ୍ରୀତି ଦେଖାଇ ତାଙ୍କ ଫଟୋ ବ୍ୟାନରରେ ସ୍ଥାନିତ କରିଥିଲେ। ଏ ନେଇ ପଟ୍ଟାମୁଣ୍ଡାଇ ଛାତ୍ର କଂଗ୍ରେସ ପକ୍ଷରୁ ଖଗେଶ୍ୱର ଶତପଥୀ, ରିଙ୍କୁ ମଳିକ, ଦେବାଶିଷ ମହାନ୍ତି, ଅମିତ ନାୟକ, ସମିର ଜେନା, ଭାଗ୍ୟଧର ସାହୁ, ମଦନ ସାହୁ, ରଜନୀ କାନ୍ତ ସାହୁ, ସତ୍ୟପ୍ରିୟ ସାହୁ, ଦୀପକ ଜେନା, ରାଜେନ୍ଦ୍ର ନାୟକ, ସତ୍ୟରଞ୍ଜନ ଦାସ ପ୍ରମୁଖ ଉପଜିଲାପାଳ ପରିଡାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବା ସଙ୍ଗେ ସଙ୍ଗେ ତୁରନ୍ତ ଦାୟିତ୍ୱ ପ୍ରତ୍ୟାହାର କରିବାକୁ ଦୃଢ଼ ଦାବି କରିଛନ୍ତି।

## କଳିଙ୍ଗନଗର ଗୁଳିକାଣ୍ଡ:ମୃତ ଆଦିବାସୀଙ୍କୁ ଶ୍ରଦ୍ଧାଞ୍ଜଳି



ପାଟକୁରାଠାରେ କଂଗ୍ରେସ ପକ୍ଷରୁ ବାହାରିଥିବା ମହମବତି ଶୋଭାଯାତ୍ରା।

ପଟ୍ଟାମୁଣ୍ଡାଇ/ପାଟକୁରା,୨୧ (କଳ୍ପତରୁ ନାୟକ/ରବୀନ୍ଦ୍ର ନାଥ ବାରିକ)

ଯାଜପୁର ଜିଲା କଳିଙ୍ଗନଗର ଗୁଳିକାଣ୍ଡକୁ ୧୮ବର୍ଷ ପୂରିଲା। ମୃତ ଆଦିବାସୀଙ୍କ ସ୍ମୃତିରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ମଙ୍ଗଳବାର ଶହୀଦ ସ୍ମୃତି ଦିବସ ସହ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଟାଟା କମ୍ପାନୀର ଜମି ଅଧିଗ୍ରହଣକୁ ନେଇ ୨୦୦୬ଜାନୁଆରୀ ୨ରେ ପୋଲିସ-ଆଦିବାସୀ ମୁହାଁମୁହିଁ ହୋଇଥିଲେ। ଜମି ଅଧିଗ୍ରହଣକୁ ବିରୋଧ କରି ପୋଲିସ ଗୁଳିରେ ୧୩ ଆଦିବାସୀ ପ୍ରାଣ ହରାଇ ଥିଲେ। ମୃତ ଆଦିବାସୀଙ୍କ ସ୍ମୃତିରେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସେମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନଙ୍କ ନେତୃତ୍ୱରେ ବ୍ଲକ ସଭାପତି ମଳୟ ଦାସ, ଅବିନାଶ ଲେଙ୍କା, ସତ୍ୟପ୍ରିୟ ସାମଲ, ଆଲୋକ ଧଳ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଡାମରପୁର ବାଲିପାଟଣାଠାରେ କଳିଙ୍ଗନଗରରେ ମୃତ ଆଦିବାସୀଙ୍କ ଆତ୍ମାର ସଦ୍‌ଗତି ପାଇଁ ଜିଲା ଦଳିତ ସେଲ ସଭାପତି ସର୍ବେଶ୍ୱର ସେଠୀଙ୍କ ନେତୃତ୍ୱରେ ସତ୍ୟବାନ ବିଶ୍ୱାଳ, କଳାକାର ସାହୁ, ଗଙ୍ଗାଧର ଜେନା ପ୍ରମୁଖ ସ୍ଥାନୀୟ ଶିବ ମନ୍ଦିରରେ ମହମବତି ଜାଳି ଥିଲେ।

ସେହିପରି କଳିଙ୍ଗନଗର ଗୁଳିକାଣ୍ଡରେ ମୃତ ଆଦିବାସୀଙ୍କ ଲାଗି ପାଟକୁରା ନିର୍ବାଚନମଣ୍ଡଳୀ ସ୍ତରୀୟ ମହମବତି ଶୋଭାଯାତ୍ରା ହୋଇଥିଲା। ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ଦଳ କାର୍ଯ୍ୟାଳୟ ବନ୍ଧସାହିଠାରୁ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ମାହାଳଠାରେ ଥିବା ହରିହର କ୍ଷେତ୍ର ଜଗନ୍ନାଥ ମନ୍ଦିରରେ ପହଞ୍ଚି ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏଥିରେ ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ଜିଲା କଂଗ୍ରେସ ଉପସଭାପତି ନିରଞ୍ଜନ ରାଉତ, ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ବ୍ଲକ କଂଗ୍ରେସ କମିଟି ସଭାପତି ଅନନ୍ତ ପାତ୍ରଙ୍କ ସମେତ କଂଗ୍ରେସ ଛାମୁଆ କର୍ମୀ ଯୋଗ ଦେଇଥିଲେ।

## ୬ରୁ ଭିତରକନିକାରେ ବିଦେଶୀ ପକ୍ଷୀଙ୍କ ଗଣନା



ରାଜନଗର, ୨୧ (ଭାସ୍କର ରାଉତରାୟ)

ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ବିଭିନ୍ନ ଆର୍ଦ୍ରଭୂମିରେ ପାଦ ଥାପି ଥିବା ବିଦେଶୀ ପକ୍ଷୀଙ୍କ ଆସନ୍ତା ୬ ତାରିଖରୁ ଗଣନା କରାଯିବ। ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବାକୁ ହିମାଳୟ ପାଦଦେଶ ସମେତ ଅଷ୍ଟ୍ରେଲିଆ, ଫ୍ରାନ୍ସ, ରୁଷିଆ, ମଙ୍ଗୋଲିଆ, ମାଲେସିଆ ପ୍ରଭୃତି ଶୀତ ପ୍ରଧାନ ଦେଶରୁ ରଙ୍ଗ ବେରଙ୍ଗ ପକ୍ଷୀମାନେ ଭିତରକନିକା ଆର୍ଦ୍ରଭୂମିରେ ପହଞ୍ଚିଛନ୍ତି। ଦିଗନ୍ତ ବିସ୍ତାରୀ ନୀଳ ଆକାଶରେ ଦଳ ଦଳ ହୋଇ ଉଡ଼ିବା, ଖାଦ୍ୟ ସଂଗ୍ରହ କରିବାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଛି। ରାଜନଗର ବନ ବିଭାଗ ପକ୍ଷରୁ ୬ ତାରିଖରୁ ଏହି ପକ୍ଷୀ ଗଣନା କରାଯିବ ବୋଲି ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି।

## ଜନ୍ମମାଟିରେ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ଜୟନ୍ତୀ

ରାଜନଗର, ୨୧ (ଭାସ୍କର ରାଉତରାୟ)

ବିଶ୍ୱଗୁରୁ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜନ୍ମମାଟି କେରେଡାଗଡ଼ଠାରେ ୧୨୬ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଶ୍ରୀ ଶ୍ରୀକଳ୍ପତରୁ ସଚ୍ଚିଦାନନ୍ଦ ଟ୍ରଷ୍ଟ ସେବା ସଂଘ ଓ ଜନ୍ମପୀଠ ଶାଖାଠାରେ ବାୟାବାବାଙ୍କ ଜୟନ୍ତୀ ସହ ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ତଥା କଳିଯୁଗର ମହାମନ୍ତ୍ର ନାମକୁ କେବଳ ଓଡ଼ିଶା ନୁହେଁ, ଭାରତରେ ପ୍ରଚାର କରି ସେ କାଳଜୟୀ ହୋଇପାରିଥିଲେ ବୋଲି ଆୟୋଜିତ ଉତ୍ସବରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା କହିଥିଲେ। ପ୍ରତ୍ୟୁଷରୁ ବାୟାବାବାଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପରେ ସୁସଜ୍ଜିତ କରିବା ସହ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରାଯାଇଥିଲା। ସକାଳ ୯ଟାରେ ଶ୍ରୀମଦ୍ ବାବାଙ୍କୁ ୧୦୮ କଳସ ଜଳରେ ମହାସ୍ନାନ କରାଯାଇଥିଲା। ଉକ୍ତ ଉତ୍ସବକୁ ଜନ୍ମମାଟି ଶାଖାର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଚନ୍ଦ୍ର ଦାସ, ନଟବର ରାଉତ, ପ୍ରଦୀପ ବିଶ୍ୱାଳ, ଅନନ୍ତ ରାଉତ, କୃଷ୍ଣଚନ୍ଦ୍ର ପ୍ରଧାନ, ବାବାଜୀ ସାହୁ, ମେଘଶ୍ୟାମ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ରାଜନଗର ବ୍ଲକ ମହିଁଷାସୁର ବାୟାବାବାଙ୍କ ସେବାଶ୍ରମ ଓ ଗୁଲୁଦିଆ ସେବାଶ୍ରମରେ ମଧ୍ୟ ଶ୍ରୀମଦ୍ ବାୟାବାବାଙ୍କ ଜୟନ୍ତୀ ପାଳନ କରାଯାଇଛି। ସୋମବାର ଶ୍ରୀମଦ୍ ବାୟାବାବାଙ୍କ ବିଗ୍ରହକୁ ସୁସଜ୍ଜିତ ରଥରେ ସ୍ଥାପନ କରାଯାଇ ରାଜନଗର, ସାନବଡ଼ଗୋପାଳପୁର, ମହିଁଷାସୁର, ଗୁଲୁଦିଆ, ଚଣ୍ଡିଆପଲ୍ଲୀ ଗାଁ ପରିକ୍ରମା କରାଯିବା ପରେ ଗୁଲୁଦିଆ ଓ ଚଣ୍ଡିଆପଲ୍ଲୀ ମଧ୍ୟସ୍ଥଳ ମା' ପାଟକୁମାରୀ ଠାକୁରାଣୀ ପୀଠ ନିକଟରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀମଦ୍ ବାୟାବାବାଙ୍କ ପ୍ରିୟ ଭଜନ ଶ୍ରଦ୍ଧାଳୁମାନେ ଗାନ କରିଥିଲେ। ମଙ୍ଗଳବାର ସକାଳ ୯ଟାରେ ବାବାଙ୍କ ମହାଭିଷେକ, ପୂର୍ବାହ୍ନ ୧୧ଟାରେ ଗୋପାଳ ସହସ୍ରନାମ, ସନ୍ଧ୍ୟା ୬ଟାରେ ନାମଯଜ୍ଞ ସମାପନ ଓ ନଗର କୀର୍ତ୍ତନ, ଭଜନ, ଗୁରୁ ବନ୍ଦନା ଓ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏହାକୁ ସଂଘର ସନାତନ ନାୟକ, ଦୁଃଶାସନ ନାୟକ, ଶତ୍ରୁଘ୍ନ ନାୟକ, କୈଳାସ ପରିଡା, ରମାକାନ୍ତ ବିଶ୍ୱାଳ, ଚିତ୍ତ ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବଡ଼ ଭଉଣୀ ଆଗରେ ଚାଲିଗଲା ସାନ ଜୀବନ

ଆଳି,୨୧ (ବନମାଳୀ ସେନାପତି)

**ନିଶ୍ଚିନ୍ତକୋଇଲି ବସ୍ ଦୁର୍ଘଟଣାରେ ଅନସୂୟା ମୃତ**



କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା କଟରପଡ଼ାଠାରେ ମଙ୍ଗଳବାର ସକାଳେ ବସ୍-ଟ୍ରକ୍ ମୁହାଁମୁହିଁ ଦୁର୍ଘଟଣାରେ ବଡ଼ ଭଉଣୀ ସାମ୍ନାରେ ସାନ ଭଉଣୀ ଆଖି ବୁଜିଛି। ଏଭଳି ଏକ ଅଭାବନୀୟ ଘଟଣା ଶୋକାକୁଳ ପରିବେଶ ସୃଷ୍ଟି କରିଛି କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଳକାଟି ପଞ୍ଚାୟତ ବଡ଼ଆଙ୍କୋ ଗାଁରେ। ଗାଁର ଅର୍ଜୁନ ବାରିକଙ୍କ ବଡ଼ ଝିଅର ଦେହ ଖରାପ ଥିବାରୁ ଦୁଇ ଭଉଣୀ ଆଳିରୁ ମନୋରମା ବସରେ କଟକ ଯାଉଥିଲେ। କଟରପଡ଼ାଠାରେ ବସ୍ ଦୁର୍ଘଟଣାରେ ଅର୍ଜୁନଙ୍କ ସାନ ଝିଅ ଅନସୂୟାଙ୍କ ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ, ଅର୍ଜୁନଙ୍କ ସାନଝିଅ ଅନସୂୟା ବଡ଼ ଭଉଣୀ ଦେହ ଖରାପ ଯୋଗୁ ସଙ୍ଗରେ ନେଇ ମଙ୍ଗଳବାର ଭୋରୁ ବାଳକାଟି ଖଣ୍ଡିଆପାଟଣା ଛକରୁ ମନୋରମା ବସରେ କଟକ ଯାଉଥିଲେ। କଟକ ବଡ଼ ମେଡ଼ିକାଲରେ ଡାକ୍ତରଙ୍କୁ ଦେଖାଇ ଥାନ୍ତେ। କିନ୍ତୁ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ବସ୍ ଦୁର୍ଘଟଣାରେ ଅନସୂୟା ସବୁଦିନ ପାଇଁ ଆଖି ବୁଜି ଦେଇଛନ୍ତି। ବସରେ ଥିବା ଯାତ୍ରୀମାନେ ଭୋର ହୋଇଥିବାରୁ ଶୋଇ ପଡ଼ିଥିବା ବେଳେ ଡ୍ରାଇଭର ସିଟ୍ ନିକଟରେ ଦୁଇ ଭଉଣୀ ବସିଥିଲେ। ବଡ଼ ଭଉଣୀକୁ ବାନ୍ତି ଲାଗିବାରୁ ସେ ମୁହଁ ତଳକୁ କରି ବସିଥିବା ବେଳେ ହଠାତ ଜୋର ଶବ୍ଦ ହେବାରୁ ସେ ଉପରକୁ ଅନାଇ ଦେଖିବା ବେଳକୁ ସବୁକିଛି ବଦଳି ଯାଇଥିଲା। ସାନ ଭଉଣୀ ଅନସୂୟା ବସ୍ ମଧ୍ୟରେ ଚାପି ହୋଇ ଯାଇଛନ୍ତି। ତାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ଅନସୂୟାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶ୍ମଶାନରେ ସଂସ୍କାର କରାଯାଇଛି।

## ବସ୍ ଦୁର୍ଘଟଣାରେ ରାଜକନିକାରୁ ଜଣେ ମୃତ, ୧୦ ଆହତ

ରାଜକନିକା,୨୧ (ସଞ୍ଜୟ କୁମାର ଦାଶ): ମଙ୍ଗଳବାର ଭୋର ୫ଟାରୁ ଭଦ୍ରକ ଜିଲା ମତୋ ଭାୟା ଚାନ୍ଦବାଲି ଦେଇ ରାଜକନିକାଠାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ମନୋରମା ଯାତ୍ରୀବାହୀ ବସ୍ ଘନ କୁହୁଡି ଯୋଗୁ ନିଶ୍ଚିନ୍ତକୋଇଲି ଥାନା କଟରପଡ଼ାଠାରେ ଏକ ଟ୍ରକ୍ ସହ ମୁହାଁମୁହିଁ ଦୁର୍ଘଟଣା ହୋଇଥିଲା। ବସ୍‌ରେ ରାଜକନିକାରୁ ୨୦ରୁ ଊର୍ଦ୍ଧ୍ୱ ପାସେଞ୍ଜର ଯାଇଥିଲେ। ସେମାନଙ୍କ ମଧ୍ୟରୁ ୧୦ଜଣ ଆହତ ହୋଇଥିବା ବେଳେ, ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ଓଡ଼ଗିରିଆ ଗାଁର ନଳିନୀକାନ୍ତ ଗାହାଣ ଓରଫ୍ ରାଜା। ରାଜା ଲମ୍ବୋଦରଙ୍କ ଏକମାତ୍ର ପୁଅ। ଶେଷ ବର୍ଷ ଇଞ୍ଜିନିୟରିଂ ପରୀକ୍ଷା ଦେବାକୁ ଭୁବନେଶ୍ୱର ଯାଉଥିବା ବାପା ଲମ୍ବୋଦର କହିଛନ୍ତି। ତେବେ ଆହତମାନେ ଫାଷ୍ଟଏଡ ପରେ ଘରକୁ ଫେରିଛନ୍ତି।



## ପାରିନୂଆପଡ଼ା ବହୁରୂପା କ୍ରିକେଟ କ୍ଲବ ଚାମ୍ପିୟନ

ରାଜକନିକା,୨୧ (ସଞ୍ଜୟ କୁମାର ଦାଶ)



ଅତିଥି ଚାମ୍ପିୟନ ଦଳର ଖେଳାଳିଙ୍କୁ ଟ୍ରଫି ସହ ଚେକ୍ ପ୍ରଦାନ କରୁଛନ୍ତି।

**ଜିଲାସ୍ତରୀୟ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

କେନ୍ଦ୍ରାପଡ଼ା ଜିଲା ତଥା ରାଜକନିକା ବ୍ଲକ ଡାଳିକାଏନ୍ଦା ଖେଳ ପଡ଼ିଆରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ଆନୁକୂଲ୍ୟରେ ଓ ମୁମ୍ବାଇ ଗୁରୁ ବ୍ରଦର୍ସ ପ୍ରାୟୋଜିତ ୪୮ତମ ଜିଲାସ୍ତରୀୟ ବିପ୍ଳବୀ ଆନନ୍ଦ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରିନୂଆପଡ଼ା ବହୁରୂପା କ୍ରିକେଟ କ୍ଲବ ବନାମ ଭାମଣ୍ଡା ନୃସିଂହନାଥ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଭାମଣ୍ଡା ନୃସିଂହନାଥ କ୍ରିକେଟ କ୍ଲବ ବ୍ୟାଟିଂ କରିଥିଲା। ୨୦ ଓଭରରେ ୯ ଉଇକେଟ ହରାଇ ୧୮୭ରନ ସଂଗ୍ରହ କରିଥିଲା। ଜବାବରେ ପାରିନୂଆପଡ଼ା ବହୁରୂପା କ୍ରିକେଟ କ୍ଲବ ୧୭.୪ ଓଭରରେ ୬ ଉଇକେଟ ହରାଇ ୧୮୮ ରନ୍ କରି ଚାମ୍ପିୟନ ହୋଇଥିଲା। ଶିକ୍ଷାବିତ୍ ବାସୁଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଅତିରିକ୍ତ ଜିଲାପାଳ ନିଳୁ ମହାପାତ୍ର, ମୁଖ୍ୟବକ୍ତା ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ବିଡିଓ ପୃଥ୍ୱୀରାଜ ପରିଡା, ଓଡ଼ିଶା ଦନ୍ତ ପରିଷଦ ସଭାପତି ଡା. ଆଶିଷ କୁମାର ବାରିକ, ସରକାରୀ ଓକିଲ ସଞ୍ଜୟ ଜେନା, ଗୁରୁଜୀ ଗ୍ରୁପ୍ ଅଫ୍ କମ୍ପାନୀର ଏମ୍‌ଡି ହୃଷୀକେଶ ଗୁରୁ, ସରପଞ୍ଚ ଗଙ୍ଗାଧର ବେହେରା, ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ସଭାପତି କରୁଣାକର ଦାସ, ଗ୍ରାମ ମୁରବି ପୀତାମ୍ବର ଜେନା, ଶିକ୍ଷାବିତ୍ ବିଦ୍ୟାଧର ବେହେରା, ଜ୍ୟୋତିର୍ମୟ ଦାସ ଓ ଧୀରେନ ଦାଶ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଟିମ୍‌ର ରାକେଶ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟାଚ, ରଶ୍ମିରଞ୍ଜନ ଗୁରୁଙ୍କୁ ମ୍ୟାନ ଅଫ୍ ଦି ସିରିଜ ସହ ଚାମ୍ପିୟନ ଟିମ୍‌କୁ ୨୫ହଜାର, ଟ୍ରଫି ଏବଂ ରନର ଅପ୍ ଟିମକୁ ୧୫ହଜାର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ସମସ୍ତ ଟ୍ରଫି, ଅର୍ଥରାଶି ଓ ଜର୍ସି ଗୁରୁ ବ୍ରଦର୍ସ ତରଫରୁ ସ୍ପନସର କରାଯାଇଥିଲା। ଅତିଥି ପରିଚୟ ଯୁବକ ସଂଘର କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ ପ୍ରଦାନ କରିଥିବା ବେଳେ, ଗ୍ରାମ କମିଟି ସମ୍ପାଦକ ଦୁଃଶାସନ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଂଘର ସଭାପତି ପ୍ରମୋଦ ରାଉତ, ସମ୍ପାଦକ ସରୋଜ ବେହେରା, ବିଶ୍ୱାମିତ୍ର ଜେନା, ଉପ ସଭାପତି ପ୍ରକାଶ ବେହେରା, ପ୍ରଶାନ୍ତ ମହଲା, ସହ ସମ୍ପାଦକ ଅଜିତ ଗୁରୁ, କିଶୋର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟର ଭାବେ ପ୍ରକାଶ ସାହୁ ଓ ନିଗମାନନ୍ଦ ବେହେରା ଖେଳ ପରିଚାଳନା କରିଥିଲେ। ବିଜୟ ବେହେରା, ଅମିତ୍ ଗୁରୁ, ଅମିଥ ବିଶ୍ୱାଳ, ଶକ୍ତିମୟ ବିଶ୍ୱାଳ ଓ ଅସିତ ନାୟକ ପ୍ରମୁଖଙ୍କ ସମେତ ଯୁବକ ସଂଘର ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଥକାଠ ଅନୁକୂଳ ପାଇଁ ମା’ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା



ରଥକାଠ ଅନୁକୂଳ ପାଇଁ ମା’ବଡ଼ରାଉଳ ପୀଠରେ ପୂଜାର୍ଚ୍ଚନା କରାଯାଉଛି ।



ନୟାଗଡ଼ ବନଖଣ୍ଡ ତରଫରୁ ମହାପ୍ରଭୁଙ୍କ ଆଜ୍ଞାମାଳକୁ ବରଣ କରାଯାଉଛି ।

- ୩ ରଥ ପାଇଁ ଆବଶ୍ୟକ ୮୬୫ ଖଣ୍ଡ କାଠ
- ୫୩ ଖଣ୍ଡ କାଠ ରଥଖଳାରେ ଗଚ୍ଛିତ ରହିଛି

ଗଣିଆ, ୨।୧(ସନ୍ତୋଷ କୁମାର ପ୍ରଧାନ)

ଚଳିତ ବର୍ଷର ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ଆଦ୍ୟପର୍ବ । ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ବଡ଼ମୂଳ ଖଳଖଳା ସେତୁ ନିକଟସ୍ଥ ମା’ବଡ଼ରାଉଳ ଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଇଛି । ରଥକାଠ ବରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ମଙ୍ଗଳବାର ସକାଳୁ ବଡ଼ରାଉଳ ପୀଠରେ ପହଞ୍ଚିଥିଲେ । ପ୍ରଥମେ ବେଠିଆସାହିସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ପରେ ସେମାନେ ମହାପ୍ରଭୁଙ୍କ ଆଜ୍ଞାମାଳ, ଖଣ୍ଡୁଆ, ମହାପ୍ରସାଦ, ପାଟପତନୀ ଓ ମାହାର୍ଦ୍ଦ ଧରି ନୟାଗଡ଼ ବନ ବିଭାଗ ଜରିଆରେ ପହଞ୍ଚିବା ପରେ ବୌଦ୍ଧ ଓ ଦଶପଲ୍ଲା ଅଞ୍ଚଳରୁ ଆସିଥିବା ନାମ ସଂକୀର୍ତ୍ତନ ଦଳ ସେମାନଙ୍କୁ ବଡ଼ରାଉଳ ପୀଠକୁ ପାଛୋଟି ନେଇଥିଲେ । ପରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ,ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲ୍ଗୁନୀ ସାରଥି ମଲିକ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାରମ୍ପରିକ ଢୋଲ ଓ ତୁରୀ ବାଦ୍ୟ ସହ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ରଥ ନିର୍ମାଣ ପାଇଁ ଅସନ,ଧଉରା ,ଫାସି ଓ ସିମିଳି କାଠ ବୁଧବାରଠାରୁ ଛେଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି ।

ଚଳିତ ବର୍ଷ ୩ ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ୫୩ଖଣ୍ଡ କାଠ ରଥଖଳାରେ ଗଚ୍ଛିତ ରହିଛି । ଅବଶିଷ୍ଟ ୮୧୨ଖଣ୍ଡ କାଠ ନୟାଗଡ଼ ବନଖଣ୍ଡ ତରଫରୁ ଯୋଗାଇଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା କରାଯାଇଛି । ୮୧୨ଖଣ୍ଡ ରଥକାଠ ମଧ୍ୟରୁ ୩୨୯ଖଣ୍ଡ ଅସନ, ୪୦୮ଖଣ୍ଡ ଧଉରା, ୭୨ଖଣ୍ଡ ଫାସି ଓ ୩ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୩୮୧ ଖଣ୍ଡ କାଠ ରଥଖଳାକୁ ଓ ୪୩୧ଖଣ୍ଡ କାଠ କଟକ ଖପୁରିଆସ୍ଥିତ କରତକଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି ।

ପରମ୍ପରା ଅନୁଯାୟୀ, ମଙ୍ଗଳବାର ଅପରାହ୍ନରେ ମା’ବଡ଼ରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା । ତତ୍କାଳୀନ ଦଶପଲ୍ଲା ଗଡ଼ଜାତର ରାଜା ଚକ୍ରଧର ଭଞ୍ଜ ୧୬୫୩ରୁ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଦଶପଲ୍ଲାରୁ ଶ୍ରୀମନ୍ଦିର ରଥଖଳାକୁ କାଠ ଯୋଗାଇଦେବାର ବ୍ୟବସ୍ଥା କରିଥିଲେ । ସେଦିନଠାରୁ ଦଶପଲ୍ଲା ଜଙ୍ଗଲରୁ ରଥକାଠ ଯୋଗାଇଦେବା ପରମ୍ପରା ରହିଆସିଛି । ତେବେ ଗତ କିଛି ବର୍ଷ ହେବ ନୟାଗଡ଼ ବନଖଣ୍ଡରୁ ଧୀରେ ଧୀରେ ରଥ କାଠ ଅଭାବ ଦେଖାଦେବା ଦ୍ୱାରା ଗତ ୮ବର୍ଷ ହେବ ନୟାଗଡ଼, ଖୋର୍ଦ୍ଧା ଓ ବୌଦ୍ଧ ବନଖଣ୍ଡରୁ ରଥକାଠ ସଂଗ୍ରହ କରାଯାଉଥିବା ବନ ବିଭାଗ ତରଫରୁ ସୂଚନା ମିଳିଛି ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ଆଲୋକ



@ ଅଶୋକ



@ ବଣ୍ଟି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୬ରେ ଉଦ୍‌ଘାଟନ ହେବ ଦଶପଲ୍ଲା ରେଳ ଷ୍ଟେଶନ

ନୟାଗଡ଼/ଦଶପଲ୍ଲା,୨।୧ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି):

ବାରମ୍ବାର ଉଦ୍‌ଘାଟନ ବାତିଲ ହେବା ପରେ ଜାନୁଆରୀ ୬ ପୂର୍ବାହ୍ନରେ ଦଶପଲ୍ଲା ଷ୍ଟେଶନ ଉଦ୍‌ଘାଟନ ହେବ ବୋଲି ଚିଠି ହୋଇଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି । ଗତ ୩୦ ତାରିଖରେ ରେଳ ବିଭାଗର ଚିଫ୍ ଇଞ୍ଜିନିୟର ରାଜନେଶ ମାଥୁର ଦଶପଲ୍ଲା ଷ୍ଟେଶନସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ଜାନୁଆରୀ ୩ରେ ପୂର୍ବତଟ ରେଳ ବିଭାଗର ମହା ପ୍ରବନ୍ଧକ ମନୋଜ ଶର୍ମାଙ୍କ ନୟାଗଡ଼ ଜିଲା ଦଶପଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । ମହା ପ୍ରବନ୍ଧକ ଭୁବନେଶ୍ୱରରୁ ଦଶପଲ୍ଲାକୁ ରେଳ ଇଞ୍ଜିନରେ ଆସି ୱେଣ୍ଡୋ ଟ୍ରେଲିଂ କରିବା ସହ ଟ୍ରାକ୍, ଓଏଚ୍‌ଇ, ସିଗ୍‌ନାଲ ଇତ୍ୟାଦି ବ୍ୟବସ୍ଥା ନିରୀକ୍ଷଣ କରିବେ ।

## ୱାଟ୍‌କୋ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

ବ୍ରହ୍ମପୁର,୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର କମାପଲ୍ଲି ନିକଟରେ ଥିବା ୱାଟକୋ କାର୍ଯ୍ୟାଳୟରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ସେଠାରେ ଥିବା ଅନେକ ଫାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ରାତି ପ୍ରାୟ ୩ଟାରେ ୱାଟକୋ କାର୍ଯ୍ୟାଳୟର ଏକ କୋଠରୀରୁ ନିଆଁ ବାହାରୁଥିବା ସେଠାରେ କାର୍ଯ୍ୟରତ ରାତି ଜଗୁଆଳି ଦେଖି କିରାଣି ଛବି ମହାନ୍ତିଙ୍କୁ ଜଣାଇଥିଲେ।

# ନୀଳମାଧବଙ୍କ ପୀଠକୁ ନିମନ୍ତ୍ରଣ ନ ଆସିବାରୁ ଅସନ୍ତୋଷ

## ନିମନ୍ତ୍ରଣ ପଠାଇବାକୁ ଜିଲାପାଳ ଜଣାଇଲେ

ଖଣ୍ଡପଡ଼ା,୨।୧(ଅଜୟ କୁମାର ମହାରଣା)

ରାଜ୍ୟ ସରକାର ତଥା ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆସନ୍ତା୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ହେବା ଏଥିପାଇଁ ରାଜ୍ୟ ତଥା ରାଜ୍ୟ ବାହାରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ସମେତ ଅନ୍ୟାନ୍ୟ ମୁଖ୍ୟମନ୍ଦିରକୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ ପଠାଯାଇଛି । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜଗନ୍ନାଥ ଓ ରଣପୁର ଜଗନ୍ନାଥ ଜୀଉଙ୍କ ପାଖକୁ ଗତ ୨୬ ତାରିଖରୁ ନିମନ୍ତ୍ରଣ ପତ୍ର ପହଞ୍ଚି ସାରିଛି । ମାତ୍ର ଜଗନ୍ନାଥ ସଂସ୍କୃତିର ଆଦିଦେବତା ଭାବେ ପରିଚିତ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ନିକଟକୁ ଏହି ନିମନ୍ତ୍ରଣ ପତ୍ର ପଠାଯାଇ ନାହିଁ । ଏହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ଏହାଛଡା ରାଜ୍ୟର ଅନ୍ୟାନ୍ୟ ମୁଖ୍ୟ ମନ୍ଦିର ତଥା ଜଗନ୍ନାଥଙ୍କ ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାଖକୁ ନିମନ୍ତ୍ରଣ ପତ୍ର ଯାଇ ନ ଥିବାରୁ ଜଟଣୀ ବିଧାୟକ ସୁର ରାଉତରାୟ ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ତାଙ୍କ ପ୍ରତିକ୍ରୀୟା ପ୍ରକାଶ କରିଛନ୍ତି । ଏହି ଭିଡିଓ ଭାଇରାଲ ହେବାରେ ଲାଗିଛି । ଶ୍ରୀ ନୀଳମାଧବ ଜୀଉ ପୂଜକ ସମାଜପକ୍ଷରୁ ଏ ନେଇ ଗତ ୨୪ ତାରିଖରେ ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏ ସମ୍ପର୍କରେ ଜିଲାପାଳ ଅବଗତ ହେବା ପରେ ଶ୍ରୀ ନୀଳମାଧବଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଇବା ପାଇଁ ଜିଲାପାଳ ପତ୍ର ମାଧ୍ୟମରେ ଜଣାଇଥିବା ପୂଜକ ସମାଜ ସମ୍ପାଦକ ନୀଳମାଧବ ମିଶ୍ର ସୂଚନା ଦେଇଛନ୍ତି । ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।



# ରଣପୁରରେ ପହଞ୍ଚିଲା ଅକ୍ଷତ କଳସ,ନିମନ୍ତ୍ରଣ ପତ୍ର



ମନ୍ଦିର ପୂଜକ ନିମନ୍ତ୍ରଣ ପତ୍ର ଗ୍ରହଣ କରୁଛନ୍ତି ।

ରଣପୁର,୨।୧(ସୁକାନ୍ତ କିଶୋର ଡାକୁଆ )

ପୌଷ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ସୋମବାର ତଥା ଆସନ୍ତା ୨୨ ତାରିଖରେ ପ୍ରଭୁ ଶ୍ରୀରାମଙ୍କ ନୂତନ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ । ଉକ୍ତ ଉତ୍ସବ ଉପଲକ୍ଷେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଅଯୋଧ୍ୟା ତରଫରୁ ରାମଭକ୍ତମାନଙ୍କ ପାଖରେ ନିମନ୍ତ୍ରଣ ପତ୍ର ପଠାଯାଇଛି। ପ୍ରାଣ ପ୍ରତିଷ୍ଠା ଦିବସରେ ମନ୍ଦିର, ମଠ, ବିଭିନ୍ନ ଦେବାଳୟ , ସାହିବସ୍ତି ଓ ନିଜ ବାସଗୃହରେ ଦୀପ ଦାନ, ରାମ ରକ୍ଷା ସ୍ତୋତ୍ର , ହନୁମାନ ଚାଳିଶା , ସୁନ୍ଦରାକାଣ୍ଡ ଆଦିର ସାମୂହିକ ପାଠ କରିବାକୁ ଅନୁରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରଣପୁରରେ ନିମନ୍ତ୍ରଣ ପତ୍ର ଏବଂ ଅକ୍ଷତ କଳସ ପହଞ୍ଚିବା ପରେ ସ୍ଥାନୀୟ ପଞ୍ଚୁଦୋଳ ପଡିଆସ୍ଥିତ ରଘୁନାଥ ଜୀଉ ବିଜେ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ଓ ଦୀପଦାନ କରାଯାଇଥିଲା । ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଜିଲା ସାମାଜିକ ସମରସତା ପ୍ରମୁଖ ଅଶୋକ କୁମାର ମହାପାତ୍ର, କର୍ମକର୍ତ୍ତା ଗୋପାଳକୃଷ୍ଣ ଅଗ୍ରୱାଲ, ବିରଜା ମିଶ୍ର, ସଞ୍ଜୀବ ପ୍ରଧାନ, ସତ୍ୟ ସାହିଲ ମହାପାତ୍ର, ମନୋରଞ୍ଜନ ମହାପାତ୍ର, ଶ୍ୟାମ ସୁନ୍ଦର ସାହୁ , ଜିତେନ୍ଦ୍ର କୁମାର ବାରିକ ପ୍ରମୁଖ ରଣପୁର ଶ୍ରୀଜଗନ୍ନାଥ ମନ୍ଦିର ଅଭିମୁଖେ ଯାଇଥିଲେ । ମନ୍ଦିର ପ୍ରାଙ୍ଗଣରେ ପୂଜାପଣ୍ଡା ପ୍ରଫୁଲ୍ଲ କୁମାର ନନ୍ଦ , ବାବୁ ନନ୍ଦ, ସୁନ୍ଦରୀ ନନ୍ଦ ଆଦି ଅକ୍ଷତ କଳସ ଓ ନିମନ୍ତ୍ରଣକୁ ଗ୍ରହଣ କରିଥିଲେ । ରାକେଶ ଆଚାର୍ଯ୍ୟ ,ଜଗନ୍ନାଥ ମହାପାତ୍ର, ନିର୍ମଳ ବେହେରା ଓ ଭକ୍ତମାନଙ୍କ ଦ୍ୱାରା ଦୀପଦାନ ଓ ସାମୂହିକ ଜଗନ୍ନାଥ ଅଷ୍ଟକମ ପାଠ କରାଯାଇଥିଲା ।

# ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

ନୂଆଗାଁ,୨।୧ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡାଠାରେ ମଙ୍ଗଳବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ମୃତକ ହେଲେ ଦଶପଲ୍ଲା ଥାନା ପଟାମାଳ ଗ୍ରାମର ଅଭିମନ୍ୟୁ ନାୟକ (୫୮) ।

ମିଳିଥିବା ସୂଚନା ମୁତାବକ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥରେ ଏକ ବାଇକ(ନଂ.ଓଡି ୨୫ ଜେ ୬୬୧୩)କୁ ଜଣେ ଯୁବକ ଦ୍ରୁତ ଗତିରେ ଚଳାଉ ଆସୁଥିଲେ। ବିପରୀତ ଦିଗରୁ ଅନ୍ୟ ଏକ ବାଇକ(ନଂ.ଓଡି ୨୫ ଇ ୭୩୨୪)ରେ ଦଶପଲ୍ଲା ଥାନା ପଟାମାଳ ଗ୍ରାମର ଅଭିମନ୍ୟୁ ନାୟକ ମଧ୍ୟ ଦ୍ରୁତଗତିରେ ଆସୁଥିଲେ । କୋରଡାଠାରେ ଉଭୟ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ ଚାଳକ ଗୁରୁତର ହୋଇଥିଲେ । ନୂଆଗାଁ ଥାନା ପୋଲିସ ପହଞ୍ଚି ଗୁରୁତରଦ୍ୱୟଙ୍କୁ ନୂଆଗାଁ ଅଗ୍ନିଶମବାହିନୀ ଗାଡ଼ିରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ତେବେ ସେଠାରେ ଅଭିମନ୍ୟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଦୁର୍ଘଟଣା ଘଟଣାଇଥିବା ବାଇକ୍ ଦୁଇଟିକୁ ଜବତ କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ପଠାଣି ସାମନ୍ତ ସ୍ମୃତି ମନ୍ଦିର, ପାଠାଗାର ଅବହେଳିତ

## ଅନୁଦାନ ମଞ୍ଜୁର ପରେ ବି ଆଗେଇ ପାରୁନି କାମ

ଖଣ୍ଡପଡ଼ା,୨।୧(ଅଜୟ କୁମାର ମହାରଣା)

ରାଜ୍ୟ ଓ କେନ୍ଦ୍ର ସରକାର ପୁରାତନ ଐତିହ୍ୟ ଓ ସଂସ୍କୃତିର ସ୍ୱାକ୍ଷର ବହନ କରୁଥିବା ଅନୁଷ୍ଠାନ ଗୁଡ଼ିକର ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣ ନିମନ୍ତେ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । ମାତ୍ର ଦୀପତଳ ଅନ୍ଧାର ପରି ଖଣ୍ଡପଡ଼ା ସହରର ମଧ୍ୟ ଭାଗରେ ଥିବା ପଠାଣି ସାମନ୍ତ ସ୍ମୃତିମନ୍ଦିର ଓ ପାଠାଗାର ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ପଡିରହିଛି । ଦୁଇଟି ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ମଞ୍ଜୁର ହେବା ପରେ ବି ବିକାଶ କାମର ଅଗ୍ରଗତି ହୋଇ ପାରୁ ନାହିଁ । ଏଥିପ୍ରତି ଲୋକପ୍ରତିନିଧି ନତୁବା ପ୍ରଶାସନିକ ଅଧିକାରୀମାନଙ୍କ ନଜର ନ ଥିବା ପରି ମନେ ହେଉଛି । ବିଶ୍ୱ ବରେଣ୍ୟ ଜ୍ୟୋର୍ତିବିଦ ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ୧୯୪୮ ମସିହାରେ ଅଞ୍ଚଳବାସୀଙ୍କ ଉଦ୍ୟମରେ ଏହି ଅନୁଷ୍ଠାନ ଗଢି ଉଠିଥିଲା । ଏହି ପୁରାତନ ଅନୁଷ୍ଠାନରେ ୨୩୫ ଜଣ ସଦସ୍ୟ ଅଛନ୍ତି । ସ୍ମୃତି ମନ୍ଦିର ଓ ପାଠାଗାରର ବିକାଶ ନିମନ୍ତେ ସମସ୍ତ ସଦସ୍ୟ ସଦା ସର୍ବଦା ଚେଷ୍ଟା ଜାରି ରଖିଥିଲେ ହେଁ ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ଜନପ୍ରତିନିଧି ମାନଙ୍କ ଆନ୍ତରିକତାର ଅଭାବ ହିଁ ଅନୁଷ୍ଠାନର ଉନ୍ନତିକରଣରେ ବାଧକ ସାଜିଥିବା ସାଧାରଣରେ ଆଲୋଚନା ହେଉଛି ।



ପଠାଣି ସାମନ୍ତ ସ୍ମୃତି ମନ୍ଦିର ।

ପ୍ରତିବର୍ଷ ଡିସେମ୍ବର ୨୪ରେ ଏହି ଅନୁଷ୍ଠାନ ପରିସରରେ ସାମନ୍ତଙ୍କ ଜୟନ୍ତୀ ଉତ୍ସବ ମହାଆଡମ୍ବରରେ ପାଳିତ ହେଉଛି । ମାତ୍ର ଆନ୍ତରିକତାର ଅଭାବରୁ ସ୍ମୃତି ମନ୍ଦିର ଓ ପାଠାଗାରର ସାମଗ୍ରୀକ ବିକାଶ ହୋଇ ପାରୁନାହିଁ । ପାଠାଗାରର ଉନ୍ନତିକରଣ କାର୍ଯ୍ୟ ଅଧାରେ ଅଟକିଥିବା ବେଳେ ରାଜ୍ୟ ସରକାରଙ୍କ ଉନ୍ନତି ଯୋଜନାରେ ମଞ୍ଜୁର ୫ ଲକ୍ଷ ଟଙ୍କା ଅନୁଦାନ ଅର୍ଥ ଗତ ୫ ବର୍ଷ ହେଲା ବିନିଯୋଗ ହୋଇ ନ ପାରି ପଡି ରହିଛି । ସେହିପରି ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନାରେ ମଞ୍ଜୁର ୧୫ ଲକ୍ଷ ଟଙ୍କା ଅନୁଦାନ ଅର୍ଥ ଅଦ୍ୟାବଧି ବିନିଯୋଗ ହୋଇ ନ ଥିବାରୁ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନାଯୋଗ୍ୟ,ପଠାଣି ସାମନ୍ତ ପାଠାଗାର ସମ୍ମୁଖରେ ସାମନ୍ତଙ୍କ ପ୍ରତିମୂର୍ତ୍ତି ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ସିମେଣ୍ଟ ପ୍ଲାଷ୍ଟର ଛାଡି ତଳେ ଖସି ପଡୁଛି । କଂକ୍ରିଟ ଖୁମ୍ବ ମଧ ଭଗ୍ନ ଅବସ୍ଥାରେ ରହିଛି । ପାଠାଗାର ସମ୍ମୁଖ ଫାଟକ ନ ଥିବାରୁ ଗାଈଗୋରୁ ଅବାଧରେ ପ୍ରବେଶ କରୁଥିଲେ । ଅସାମାଜିକ ଯୁବକମାନେ ପାଠାଗାର ପରିସରରେ ଆଡ୍ଡା ଜମାଉଥିଲେ । ଏନେଇ ବୁଦ୍ଧିଜୀବି ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏ ଦିଗରେ ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ସ୍ମୃତି ମନ୍ଦିର ଓ ପାଠାଗାରର ବାହ୍ୟ ପ୍ରାଚୀର ନିର୍ମାଣ, ସଭା ସମିତି ପାଇଁ ଏକ ପେଣ୍ଡାଲ ଓ ମୁଖଶାଳାର ନିର୍ମାଣ କାର୍ଯ୍ୟ କେବଳ ଭଙ୍ଗାରୁଜାରେ ସୀମିତ ରହିଛି । । ଅନୁଷ୍ଠାନର ସଭାପତି ନାରାୟଣ ଦାସ ଓ ସମ୍ପାଦକ ବିନାୟକ ସାହୁ ବାରମ୍ବାର ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ହେଁ ଫଳ ଘର ଶୂନ ପାଲଟିଛି । ନୟାଗଡ଼ ଜିଲାପାଳଙ୍କଠାରୁ ଆରମ୍ଭ କରି ଖଣ୍ଡପଡା ବିଧାୟକ ଓ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ହେଁ କେହି ହେଲେ ଏହି ଅନୁଷ୍ଠାନ ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି । ରାଜ୍ୟ ସରକାର ପ୍ରାଚୀନ ଐତିହ୍ୟ, ମଠ, ମନ୍ଦିର, ଧର୍ମାନୁଷ୍ଠାନ ଓ କିର୍ତ୍ତୀରାଜିର ରୁପାନ୍ତରୀକରଣ ନିମନ୍ତେ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । ମାତ୍ର ପଠାଣି ସାମନ୍ତଙ୍କ ନାମରେ ନାମିତ ଏହି ଅନୁଷ୍ଠାନଟି ପ୍ରତି ଧ୍ୟାନ ନ ଦେବା ଦୁଃଖର ବିଷୟ ହୋଇଛି । ବିଳମ୍ବରେ ହେଉ ପଛେ ସ୍ମୃତି ମନ୍ଦିର ଓ ପାଠାଗାରର ଉନ୍ନତିକରଣ ନିମନ୍ତେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି । ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯିବ ବୋଲି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ସୂଚନା ଦେଇଛନ୍ତି ।

# ୧୯୯୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ନୟାଗଡ଼,୨।୧(ଲୋକନାଥ ମିଶ୍ର):

ଗୋଡିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠ ମାଟ୍ରିକ ୧୯୯୨ ବ୍ୟାଚ୍ ଛାତ୍ରଙ୍କ ତୁଲୁବି ବନ୍ଧ ପାଖ ଜଙ୍ଗଲରେ ବନ୍ଧୁ ମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରସନ୍ନ କୁମାର ସାହୁଙ୍କ ସଂଯୋଜନାରେ ସୁରେଶ ଚନ୍ଦ୍ର ପାତ୍ର, ସନାତନ ନାୟକ, ଉପେନ୍ଦ୍ର ନାୟକ, ଲୋକନାଥ ମିଶ୍ର, ଲକ୍ଷ୍ମୀଧର ଷଡ଼ଙ୍ଗୀ, ରବି ନାରାୟଣ ମହାନ୍ତି, ସୁବ୍ରତ ଜୟସିଂ, ରାଜ କିଶୋର ଦଳବେହେରା ଓ ଦିଲୀପ ନାୟକ ପ୍ରମୁଖ ସହପାଠୀ ଏକାଠି ହୋଇଥିଲେ। ଦୁଇ ସହପାଠୀ ସଚ୍ଚିଦାନନ୍ଦ ଦଳବେହେରା ଓ ସୁରେଶ ପୃଷ୍ଟିଙ୍କ ପରଲୋକରେ ଉଭୟଙ୍କ ସ୍ମୃତି ଚାରଣ କରାଯାଇଥିଲା । ସମସ୍ତ ସହପାଠୀଙ୍କୁ ଏକଜୁଟ କରି ଏକ ବଡ଼ଧରଣର ବନ୍ଧୁ ମିଳନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ଏହି ବନ୍ଧୁ ମିଳନକୁ ହାଇସ୍କୁଲର ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରାଯିବାକୁ ନିଷ୍ପତ୍ତି ହୋଇଛି ।

